# ବେକାର ସମସ୍ୟାର ସମାଧାନ

ଆଜିକାଲି ଭାରତ ସମ୍ମୁଖରେ ବେକାର ସମସ୍ୟା ଜଟିଳ ରୂପ ଧାରଣ କରିଅଛି । ତା'ର ମୂଳ କାରଣ ନ ଖୋଜି ବାହ୍ୟ ଉପାୟରେ ଯେତେ ପ୍ରଯତ୍ନ କରାହେଉଅଛି ତାହା ସଫଳ ହୋଇ ପାରୁ ନାହିଁ ।

ବେକାରର ମୂଳ କାରଣ ହେଉଛି ଆଳସ୍ୟ । ତାହା ଦୂର ହେବ ମନ-ପ୍ରାଣ-ଶରୀର ସହିତ ଆତ୍ମାର ବିକାଶରେ । ଏଥିରେହିଁ ଜୀବନର ପୂର୍ଣ୍ଣତା । ଏହି ଲକ୍ଷ୍ୟକୁ ଗ୍ରହଣ କରି ମନ-ପ୍ରାଣ-ଶରୀର ସହିତ ଆତ୍ମାକୁ କ୍ରିୟାଶୀଳ କଲେ ଜାଗତିକ ସମସ୍ତ କାର୍ଯ୍ୟରେ ପ୍ରାପ୍ତ ହେବ ଦକ୍ଷତା; ନିଜ ମଧ୍ୟରେ ତଥା ପରିବାରରେ ପ୍ରତିଷ୍ଠା ହେବ ଶାନ୍ତି, ସାମଞ୍ଜସ୍ୟ; ସମାଜରେ ପ୍ରତିଷ୍ଠା ହେବ ଶୃଙ୍ଖଳା, ଦେଶରୁ ଦୂର ହେବ ଦୁର୍ନୀତି, ଦେଶ ହେବ ସମୃଦ୍ଧିଶାଳୀ । ଜୀବନରେ ଏହି ଲକ୍ଷ୍ୟ ଗ୍ରହଣ କରିବା ଛଡ଼ା ବେକାର ସମସ୍ୟାର ସମାଧାନ ତଥା ଦୁର୍ନୀତି ଦୂର ହେବାର ଅନ୍ୟ ଉପାୟ ନାହିଁ । ଅନ୍ୟ ଉପାୟରେ ସାମୟିକ ରୂପେ, ଅସ୍ଥାୟିଭାବେ କିଛି ଅଂଶରେ ସମସ୍ୟାର ସମାଧାନ ହୋଇପାରେ କିନ୍ତୁ ସ୍ଥାୟୀ ସମାଧାନ ସମ୍ଭବ ନୁହେଁ ।

ଜୀବନରେ ମନ-ପ୍ରାଣ-ଶରୀର ସହିତ ଆତ୍ମାର ପୂର୍ଣ୍ଣ ବିକାଶ ହେବାର ସମୟ ଆସି ନ ଥିଲା । କ୍ରମବିକାଶ ଅନୁସାରେ ଜଡ଼ ଓ ପ୍ରାଣର ବିକାଶ ପରେ ମନୁଷ୍ୟ ମଧ୍ୟରେ ମନର ବିକାଶ ହେଲା । ମନର ବିକାଶରେ ସାହାଯ୍ୟ କରିବା ସକାଶେ ବିଦ୍ୟା ଶିକ୍ଷାର ପ୍ରୟୋଜନ ହେଲା । ମନର ବିକାଶ ସମାପ୍ତ ହୋଇ ନ ଥିବାରୁ ଜୀବନର ଯଥାର୍ଥ ଲକ୍ଷ୍ୟ ବ୍ୟକ୍ତିର ବୁଦ୍ଧିରେ ପ୍ରକାଶ ହେଲା ନାହିଁ କିଂବା ଆତ୍ମାର ବିକାଶ ସକାଶେ କୌଣସି ପ୍ରଯତ୍ନ କରା ହେଲା ନାହିଁ । ମନର ବିକାଶ ପୂର୍ବରୁ ଏହା ସମ୍ଭବ ବି ନ ଥିଲା ।

ଜୀବନରେ ମନ-ପ୍ରାଣ-ଶରୀର ସହିତ ଆତ୍ମାର ସର୍ବାଙ୍ଗୀନ ବିକାଶରେ ଜୀବନର ପୂର୍ଣ୍ଣତା — ଏହାହିଁ ଜୀବନର ଲକ୍ଷ୍ୟ । ଜୀବନରେ ଏହି ଲକ୍ଷ୍ୟର ପ୍ରାପ୍ତିରେହିଁ ଦୁଃଖବିହୀନ ପରମ ସୁଖପ୍ରାପ୍ତି । ଏହାକୁହିଁ ସମସ୍ତ ବ୍ୟକ୍ତି ଅଜ୍ଞାତ ଓ ଅସ୍ପଷ୍ଟଭାବେ ଚାହିଁ ଆସୁଅଛନ୍ତି । ଜଣେ ବ୍ୟକ୍ତିକୁ ବାଦ୍ ନ ଦେଇ ସଂସାରର ସମସ୍ତ ବ୍ୟକ୍ତି ଦୁଃଖ ଚାହାନ୍ତି ନାହିଁ । ସମସ୍ତ ବ୍ୟକ୍ତି ସୁଖ ଚାହାନ୍ତି ଏବଂ ସୁଖ ପ୍ରାପ୍ତି ସକାଶେ ପଢ଼ନ୍ତି, ଚାକିରି, ବ୍ୟବସାୟ, ରାଜନୀତି କରନ୍ତି । କେହି କେହି ଚୋରି, ଡକାୟତି ମଧ୍ୟ କରନ୍ତି, ଅନ୍ୟାୟ, ଅସତ୍ୟ ଆଚରଣ ବି କରନ୍ତି । ଦୁଃଖବିହୀନ ପରମ ସୁଖ ଜୀବନର ଲକ୍ଷ୍ୟ — ଏହି ଲକ୍ଷ୍ୟ ପ୍ରାପ୍ତି ସକାଶେ ବ୍ୟକ୍ତି ସମସ୍ତ କର୍ମ କରୁଛନ୍ତି ବୋଲି ତାଙ୍କ ବୁଦ୍ଧିରେ ସ୍ପଷ୍ଟ ନ ଥାଏ । ପରମ ସୁଖ ସ୍ୱରୂପର ଜ୍ଞାନ ଅଭାବରୁ ତା'ରି ପ୍ରାପ୍ତିର ଉପାୟ ମଧ୍ୟ ଭୁଲ୍ ହୁଏ । ଅର୍ଥାତ୍ ସମସ୍ତ ବ୍ୟକ୍ତି ଅଜ୍ଞାତ ପରମ ସୁଖକୁ ସାଂସାରିକ ଧନ, ପରିବାର, ଅଧିକାରରେ ଖୋଜୁ ଅଛନ୍ତି । କିନ୍ତୁ ଏସବୁ ପରମ ସୁଖ ପ୍ରାପ୍ତିର ସାଧନ । ଏହିସବୁ ସାଧନକୁ ଭ୍ରମବଶତଃ ବ୍ୟକ୍ତି ଲକ୍ଷ୍ୟ ମାନି ନେଇ ଥିବାରୁ ଅସ୍ପଷ୍ଟଭାବେ ଚାହୁଁଥିବା ଦୁଃଖବିହୀନ ପରମସୁଖ ପାଉ ନାହାନ୍ତି । ସାମୟିକରୂପେ ସାମାନ୍ୟ ପ୍ରାଣିକ ସୁଖ ପ୍ରାପ୍ତି ସଙ୍ଗେ ସଙ୍ଗେ ଦୁଃଖ ଭୋଗୁଅଛନ୍ତି । ଯଥାର୍ଥ ଦୁଃଖବିହୀନ ପରମସୁଖ ପ୍ରାପ୍ତ ହୁଏ ବ୍ୟକ୍ତିର ଆତ୍ମା ସହିତ ମନ-ପ୍ରାଣ-ଶରୀରର ପୂର୍ଣ୍ଣ ବିକାଶ ତଥା ଆତ୍ମ-ଧର୍ମରେ ମନ-ପ୍ରାଣ-ଶରୀରର ରୂପାନ୍ତର ହେଲେ । ଏହାହିଁ ବ୍ୟକ୍ତି-ଜୀବନର ସର୍ବାଙ୍ଗୀନ ବିକାଶ ତଥା ପୂର୍ଣ୍ଣତା । ସଂସାରର ସମସ୍ତ ଆବଶ୍ୟକ କର୍ମ ଏହି ଲକ୍ଷ୍ୟ ପ୍ରାପ୍ତିର ସାଧନା ।

ମନର ବିକାଶ ଶେଷ ତଥା ଆତ୍ମାର ବିକାଶ ଏବଂ ଆତ୍ମ-ଧର୍ମରେ ମନ-ପ୍ରାଣ-ଶରୀରର ରୂପାନ୍ତର ହେବାର ସମୟ ଆସିବାରୁ ଶ୍ରୀମା ଶ୍ରୀଅରବିନ୍ଦ ପୃଥିବୀରେ ଅତିମାନସ ଶକ୍ତି ପ୍ରତିଷ୍ଠା କରିଅଛନ୍ତି । ଆଶ୍ରମ ତଥା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଦ୍ୱାରା ଆମ୍ଭମାନଙ୍କୁ ଜୀବନରେ ପୂର୍ଣ୍ଣତାର ଲକ୍ଷ୍ୟ ସମ୍ବନ୍ଧେ ସଚେତ କରାଇଅଛନ୍ତି । ବ୍ୟକ୍ତି ଏହି ଲକ୍ଷ୍ୟ ଗ୍ରହଣ କଲେ ଏହାରି ପ୍ରାପ୍ତି ସକାଶେ ମନ-ପ୍ରାଣ-ଶରୀରରେ ସାଧନାରୂପେ କର୍ମ କରିବ । କର୍ମ ଦ୍ୱାରା ମନ-ପ୍ରାଣ-ଶରୀରରେ ସୁପ୍ତ ଥିବା କର୍ମକାରିଣୀ ଶକ୍ତି ଜାଗ୍ରତ୍ ହେବ । ତେବେ ମନ-ପ୍ରାଣ-ଶରୀରରେ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରିବା ସକାଶେ ଉପଯୁକ୍ତ କ୍ଷେତ୍ର ପାଇ ପାରିବ । ମନ-ପ୍ରାଣ-ଶରୀରରେ ଅତିମାନସ ଶକ୍ତିର ରୂପାନ୍ତର କ୍ରିୟାରେ ସେସବୁ ପୂର୍ଣ୍ଣ

ବିକାଶଲାଭ କରିବ ଏବଂ ଆତ୍ମ-ଧର୍ମରେ ରୂପାନ୍ତରିତ ହେବ । ତେବେ ହେବ ଜୀବନର ପୂର୍ଣ୍ଣତା ଏବଂ ପ୍ରାପ୍ତ ହେବ ପରମ ସୁଖ ।

ମନର ବିକାଶ ଶେଷ ନ ହୋଇ ଥିବାରୁ ବ୍ୟକ୍ତି କେବଳ ମନର ବିକାଶ ସକାଶେ ଶିକ୍ଷାର ଆଶ୍ରୟ ନେଲା । ମନ ଶିକ୍ଷା ଦ୍ୱାରା କ୍ରିୟାଶୀଳ ହେବାରୁ ଶୀଘ୍ର ବିକାଶ କରିପାରିଲା । ଦୁଇ ଶହ ବର୍ଷ ପୂର୍ବେ ମନର ବିକାଶ ଅବସ୍ଥା ପ୍ରତି ଦୃଷ୍ଟି ଦେଲେ ଦେଖି ପାରିବା ବର୍ତ୍ତମାନ ଇଞ୍ଜିନିୟରିଂ, ଚିକିତ୍ସା ବିଜ୍ଞାନ, ଜଡ଼ବିଜ୍ଞାନ ଆଦି ବହୁତ ବିକାଶ ହୋଇଅଛି । ଜୀବନରେ ପୂର୍ଣ୍ଣତାର ଲକ୍ଷ୍ୟ ନ ଥିବାରୁ ଶାରୀରିକ ବିକାଶ, ପ୍ରାଣର ବିକାଶ ତଥା ଆତ୍ମାର ବିକାଶ ସଂପୂର୍ଣ୍ଣରୂପେ ଯେପରି ବାଦ୍ ହୋଇଅଛି, ସେହିପରି ପୁରାତନ ଯୋଗରେ ବ୍ୟକ୍ତିଗତଭାବେ ଅଳ୍ପ କେତେକ ବ୍ୟକ୍ତି କେବଳ ଆତ୍ମବିକାଶ ସାଧନା କରି ମନ-ପ୍ରାଣ-ଶରୀରକୁ ସଂପୂର୍ଣ୍ଣରୂପେ ବାଦ୍ ଦେଇଅଛନ୍ତି ।

ସାମୂହିକରୂପେ ଆତ୍ମାର ବିକାଶ ନ ହେବା ତଥା ଆତ୍ମାର ପ୍ରଭାବ ମନ-ପ୍ରାଣ-ଶରୀର ଉପରେ ନ ପଡ଼ିବା ଯୋଗୁଁ ବୁଦ୍ଧି ଜୀବନର ପୂର୍ଣ୍ଣତା ସମ୍ବନ୍ଧେ ସଚେତନ ହୋଇ ପାରି ନାହିଁ । ଶରୀର-ବିକାଶର ମହତ୍ତ୍ୱ ଅଜ୍ଞାତ ରହିବାରୁ ବ୍ୟକ୍ତି ମନର ବିକାଶ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ଶରୀର-ବିକାଶର କର୍ମକୁ ବାଦ୍ ଦେଇ ଅଛି । ବ୍ୟକ୍ତି ପଢ଼ା ଶେଷ କରିବା ପରେ ଆଳସ୍ୟର ବଶ ହେବାରୁ କର୍ମରେ ପ୍ରବୃତ୍ତ ହୋଇ ନାହିଁ । ଶାରୀରିକ କ୍ରିୟା ନ ହେବାରୁ ଶରୀରରେ ସୁପ୍ତ ଥିବା ବହୁମୁଖୀ କର୍ମର ପ୍ରକାଶ ହେଲା ନାହିଁ କିଂବା କର୍ମର ପ୍ରେରଣା ଆସିଲା ନାହିଁ । ବ୍ୟକ୍ତି ପଢ଼ା ଶେଷ କରି ଚାକିରି ସକାଶେ ବୁଲିଲା ।

ଦୁଇ ଶହ ବର୍ଷ ପୂର୍ବେ ବୁଦ୍ଧିରେ ଥିବା ଯେଉଁ ଅସାଧାରଣ ଜଡ଼ ବିଜ୍ଞାନ, ଚିକିତ୍ସା ବିଜ୍ଞାନ, ଶିଳ୍ପ ବିଜ୍ଞାନ ସୁପ୍ତ ଥିଲେ, ସେସବୁ ଆଜି ଶିକ୍ଷା ଦ୍ୱାରା ପ୍ରକାଶ ହୋଇ ମନୁଷ୍ୟକୁ ଯେପରି ଆଶ୍ଚର୍ଯ୍ୟ କରିଦେଉଛି ସେହିପରି ଶରୀରରେ ବହୁପ୍ରକାର କର୍ମର ସମ୍ଭାବନା ସୁପ୍ତ ଅଛି । କେବଳ ଶରୀର କ୍ରିୟାଶୀଳ ନ ହେବାରୁ ତାହା ପ୍ରକାଶ ହୋଇ ପାରୁ ନାହିଁ ।

ଯେଉଁ ବଡ଼ ବଡ଼ ଅଫିସର, ଧନୀ ବ୍ୟକ୍ତି ସବାରିର ଆଶ୍ରୟରେ ଥାଆନ୍ତି, ଶାରୀରିକ ପରିଶ୍ରମ କରନ୍ତି ନାହିଁ, ସେମାନେ ଏକ ମାଇଲ ରାସ୍ତା ବି ଚାଲି ପାରନ୍ତି ନାହିଁ । ଟିକିଏ ଗରମ ସର୍ଦ୍ଦି ହେଲେ ବେମାରରେ ପଡ଼ନ୍ତି । ଅଧଘଣ୍ଟାଏ କୋଦାଳ ହାଣିବା କାମ ତାଙ୍କ ପକ୍ଷେ ଅସମ୍ଭବ ହୁଏ । ଏପରିକି ନିଜ ପିନ୍ଧିବା ଲୁଗା ବି ଧୋଇ ପାରନ୍ତି ନାହିଁ । କାରଣ ଶରୀର କ୍ରିୟାଶୀଳ ନ ହେବାରୁ ଶରୀରରେ ସୁପ୍ତ କର୍ମକାରିଣୀ ଶକ୍ତି ଜାଗ୍ରତ୍ ହୁଏ ନାହିଁ, ବରଂ ଆଳସ୍ୟ ଶରୀରକୁ ଜଡ଼ତା ଆଡ଼କୁ ଟାଣି ନେଇଯାଏ । ଅଧିକାଂଶ ବୁଦ୍ଧିବିକାଶ ବ୍ୟକ୍ତିଙ୍କର ଶରୀର ତଥା ପ୍ରାଣ ଏବଂ ଆତ୍ମ-ବିକାଶରେ ଶୂନ ରଖା ହୋଇଥାଏ । ବୁଦ୍ଧିପ୍ରଧାନ ବ୍ୟକ୍ତିଙ୍କୁ ଅନୁସରଣ କରନ୍ତି ତାଙ୍କ ପଶ୍ଚାତରେ ଆସୁଥିବା ସନ୍ତାନଗଣ । ସେମାନଙ୍କ ଜୀବନରେ ପୂର୍ଣ୍ଣାଙ୍ଗ ବିକାଶର ଜ୍ଞାନ ନ ଥିବାରୁ ପଢ଼ାଲେଖା ଜାଣିଥିବା ବ୍ୟକ୍ତିଙ୍କ ସକାଶେ କେବଳ ପରାଧୀନ ଚାକିରିହିଁ ଗୌରବ ବୋଲି ସେମାନଙ୍କ ସଂସ୍କାରରେ ପରିଣତ ହୋଇ ଯାଇଥାଏ । ସେମାନଙ୍କ ଦୃଷ୍ଟିରେ ''ସ୍ୱାବଲମ୍ବୀ କୃଷି ତଥା ଅନ୍ୟାନ୍ୟ ଶାରୀରିକ ପରିଶ୍ରମ କରିବା ବ୍ୟକ୍ତି ମୂର୍ଖ ଏବଂ ନୀଚ ଶ୍ରେଣୀର । ଅନ୍ୟର ଅଧୀନରେ ଚାକିରି କରିବା, ମାଲିକର ନିର୍ଦ୍ଦେଶରେ ପରିଚାଳିତ ହେବା ଗୌରବର ବିଷୟ ।'' ଏହି ଭୁଲ୍ ଧାରଣା ବ୍ୟକ୍ତିର ସଂସ୍କାରରେ ପରିଣତ ହୋଇଅଛି । ବୁଦ୍ଧି ସ୍ୱଭାବତଃ ଅର୍ଦ୍ଧଜ୍ଞାନ ବିଶିଷ୍ଟ । ସେଥିରେ ଆତ୍ମାର ପ୍ରକାଶ ନ ପଡ଼ିବା ଯୋଗୁଁ ଏହି ଭ୍ରମଧାରଣା ହୋଇଅଛି । ଅତିମାନସ ଶକ୍ତିର ରୂପାନ୍ତର କ୍ରିୟା ଦ୍ୱାରା ଆତ୍ମାର ପ୍ରଭାବ ବୁଦ୍ଧିରେ ପଡ଼ିଲେ ସେ ଜୀବନ-ଲକ୍ଷ୍ୟର ମହାନତା ଅନୁଭବ କରିପାରିବ । ତେବେ ଜୀବନର ପୂର୍ଣ୍ଣତା ସକାଶେ ଶାରୀରିକ କର୍ମ ଦ୍ୱାରା ଶରୀରର ବିକାଶ ଅନିବାର୍ଯ୍ୟ ବୋଲି ସେ ହୃଦୟଙ୍ଗମ କରିବ ଏବଂ ଶାରୀରିକ କର୍ମରେ ନୀଚ ଧାରଣା କରିବ ନାହିଁ । ବ୍ୟକ୍ତିର ମନ-ପ୍ରାଣ-ଶରୀର ସହିତ ଆତ୍ମବିକାଶରେ ଜୀବନର ପୂର୍ଣ୍ଣତା – ଏହି ଲକ୍ଷ୍ୟ ଗ୍ରହଣ କଲେ ସେ ଶିଶୁ ଅବସ୍ଥାରୁ ବ୍ୟାୟାମ ତଥା ଶାରୀରିକ କର୍ମ କରିବାକୁ ଆରମ୍ଭ କରିବ । ସେ ପଢ଼ା ଶେଷ କରିବା ସଙ୍ଗେ ସଙ୍ଗେ ବେକାର ହୋଇ ଚାକିରି ସକାଶେ ବୁଲି ଜୀବନ ନଷ୍ଟ କରିବ ନାହିଁ । ସେ କର୍ମରେ ପ୍ରବୃତ୍ତ ହେବ ଏବଂ କର୍ମର ବହୁ ପ୍ରକାର ପ୍ରେରଣା ପାଇବ । ଅଭାବଗ୍ରସ୍ତ ହେବ ନାହିଁ କିଂବା ଆଳସ୍ୟର କବଳରେ ପଡ଼ି ଜୀବନ ନଷ୍ଟ କରିବ ନାହିଁ । ସେ ଜୀବନର ସର୍ବାଙ୍ଗୀନ ବିକାଶ ତଥା ପୂର୍ଣ୍ଣତା ଲକ୍ଷ୍ୟକୁ ଗ୍ରହଣ

କରି ଲକ୍ଷ୍ୟପ୍ରାପ୍ତିର ଉପାୟରୂପେ ଶାରୀରିକ ବ୍ୟାୟାମ ତଥା କର୍ମ, ପ୍ରାଣର ବିକାଶ ସକାଶେ ଶିଳ୍ପକଳା ଏବଂ ପ୍ରାଣର ସଂଯମ, ମନର ବିକାଶ ସକାଶେ ବିଦ୍ୟାଶିକ୍ଷା, ଆତ୍ମାର ବିକାଶ ସକାଶେ ମନ-ପ୍ରାଣ-ଶରୀରରେ ସମସ୍ତ ଆବଶ୍ୟକ ଉତ୍ତମ କର୍ମ ଲକ୍ଷ୍ୟପ୍ରାପ୍ତିର ଉପାୟରୂପେ କରି ମା'ଙ୍କ ଚରଣରେ ସମର୍ପଣ କରିବ ।

## ଉପାୟ

ସଂସାରରେ ଜଣକୁ ବାଦ୍ ନ ଦେଇ ଆବାଳବୃଦ୍ଧବନିତା ସମସ୍ତ ବ୍ୟକ୍ତିଙ୍କ ଜୀବନର ଏହି ଗୋଟିଏ ଲକ୍ଷ୍ୟ, ମନ-ପ୍ରାଣ-ଶରୀର ସହିତ ଆତ୍ମାର ପୂର୍ଣ୍ଣ ବିକାଶରେ ଜୀବନର ପୂର୍ଣ୍ଣତା ହୋଇଥିବାରୁ ଗୋଟିଏ ପ୍ରଣାଳୀରେ ସମସ୍ତ ବ୍ୟକ୍ତି ଏହି ଲକ୍ଷ୍ୟକୁ ବୁଝି ପାରିବେ ନାହିଁ କିଂବା ଗ୍ରହଣ କରି ତା'ର ପ୍ରାପ୍ତି ସକାଶେ ଉପାୟ କରି ପାରିବେ ନାହିଁ ।

ଛାତ୍ରଛାତ୍ରୀମାନଙ୍କ ସକାଶେ ଉତ୍ତମ ପ୍ରଣାଳୀ ହେଉଛି ପୂର୍ଣ୍ଣାଙ୍ଗ ଶିକ୍ଷା । ସେମାନେ ଶିକ୍ଷା ଦ୍ୱାରା ଜୀବନର ଲକ୍ଷ୍ୟ ସନ୍ଧାନ ପାଇବା ସଙ୍ଗେ ସଙ୍ଗେ ମନ-ପ୍ରାଣ-ଶରୀର ତଥା ଆତ୍ମାର ବିକାଶ ସକାଶେ କର୍ମର ଶିକ୍ଷା ମଧ୍ୟ ପାଇ ପାରିବେ । ଛାତ୍ରଛାତ୍ରୀମାନଙ୍କ ଯୋଗୁଁ ସେମାନଙ୍କ ପିତାମାତାମାନେ ଜୀବନର ପୂର୍ଣ୍ଣତା ଲକ୍ଷ୍ୟର ମହତ୍ତ୍ୱ ହୃଦୟଙ୍ଗମ କରିବେ ଏବଂ ଆଚରଣ କରିବେ ଯଦ୍ଦ୍ୱାରା ପାରିବାରିକ ଜୀବନ ଶାନ୍ତିଶୃଙ୍ଖଳାରେ ପରିଚାଳିତ ହେବ । ଗୃହରେ କଳି, ବାଦବିବାଦ, ମନୋମାଳିନ୍ୟ ହେବ ନାହିଁ । ପ୍ରତ୍ୟେକ ବ୍ୟକ୍ତି ବିଭିନ୍ନ କର୍ମ କରିବା ଦ୍ୱାରା ଅଭାବ ଦୂର ହେବ, ଜୀବନ ଶାନ୍ତି-ସୁଖମୟ ହେବ ଏବଂ କ୍ରମଶଃ ଆଳସ୍ୟ, ନିଦ୍ରା, ରୋଗ ଆଦି କମ୍ ହେବାକୁ ଲାଗିବ । ଏହି ଉପକାରିତା ସେମାନେ ହୃଦୟଙ୍ଗମ କଲେ ଆଗ୍ରହରେ ଆଚରଣ କରିବାକୁ ଆରମ୍ଭ କରିବେ ଏବଂ ସଙ୍ଗେ ସଙ୍ଗେ ସଦ୍ୟ ଫଳ ମଧ୍ୟ ଉପଲବ୍ଧି କରି ପାରିବେ ।

ଅନ୍ୟମାନେ ଏହି ଲକ୍ଷ୍ୟ ଗ୍ରହଣ କରିବେ ପାଠଚକ୍ର, ମହିଳା ପାଠଚକ୍ର ତଥା ସାଧନା କେନ୍ଦ୍ର ମାଧ୍ୟମରେ ।

## ପୂର୍ଣ୍ଣାଙ୍ଗ ଶିକ୍ଷା

ପୂର୍ଣ୍ଣାଙ୍ଗ ଶିକ୍ଷାର ଛାତ୍ରଛାତ୍ରୀମାନେ ମନର ବିକାଶ ସକାଶେ ବିଦ୍ୟାଧ୍ୟୟନ କରିବେ, ପ୍ରାଣର ବିକାଶ ସକାଶେ ଚିତ୍ରାଙ୍କନ, ସଙ୍ଗୀତ, ନାଟ୍ୟ, ସିଲାଇ କାର୍ଯ୍ୟ, ବୁଣାବୁଣି କରିବା ତଥା ଅନ୍ୟାନ୍ୟ ଚାରୁକଳାପୂର୍ଣ୍ଣ କାର୍ଯ୍ୟ କରିବା ସହିତ ପ୍ରାଣର ସଞ୍ଜମ ରକ୍ଷାକରିବେ । ଶରୀର ବିକାଶ ସକାଶେ ବ୍ୟାୟାମ ଏବଂ ପ୍ରତିଦିନ ଏକ ଘଣ୍ଟା ଅଥବା ଅଧଘଣ୍ଟା ସମୟ ଦେଇ ସ୍କୁଲ୍ ବଗିଚାରେ ଫୁଲଫଳ ଗଛ ଲଗାଇବେ ଏବଂ ସେଥିରେ ଜଳ ଦେବେ । ଆତ୍ମବିକାଶ ସକାଶେ ମନ-ପ୍ରାଣ-ଶରୀରର ସମସ୍ତ କର୍ମ ଲକ୍ଷ୍ୟପ୍ରାପ୍ତି ମନୋଭାବରେ ମା'ଙ୍କୁ ସମର୍ପଣ କରିବେ ।

ପାଠଚକ୍ରର ମେମ୍ବର, ସାଧନାଳୟରେ ସମ୍ପର୍କ ରଖିଥିବା ବ୍ୟକ୍ତି ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କ ପିତାମାତା (ଘରର ସମସ୍ତ ପରିବାର – ପିତାପୁତ୍ର, ଶାଶୁ, ବୋହୂ, ପୁଅ-ଝିଅମାନେ) ପ୍ରତିଦିନ ଏକ ଘଣ୍ଟା ବାଡ଼ିରେ ଶାରୀରିକ କାର୍ଯ୍ୟ କରିବେ । ବାଡ଼ିରେ ଦେଶୀ ଆଳୁ, ଅମୃତଭଣ୍ଡା, କଲରା, ଲଙ୍କାମରିଚ, କଖାରୁ, ଖଡ଼ାଲେଉଟିଆ ଶାଗ ଇତ୍ୟାଦି ପନିପରିବା ଚାଷ କରିବେ । ଘରେ ଝିଅବୋହୂମାନେ ସିଲାଇ କରିବେ, ମୋଜା, ସ୍ୱେଟର୍, ବ୍ୟାଗ ଇତ୍ୟାଦି ବୁଣିବେ । ଗୃହରେ ଗୋରୁ, ଗାଈ ପାଳିବେ । ଏହି ସମସ୍ତ କର୍ମ ଲକ୍ଷ୍ୟ ପ୍ରାପ୍ତିର ସାଧନାରୂପେ ସମ୍ପାଦନ କରି ମା'ଙ୍କ ଚରଣରେ ସମର୍ପଣ କରିବା ଦ୍ୱାରା ଆତ୍ମା ଅଧିକରୁ ଅଧିକ ବିକାଶ ହେବ ଏବଂ ଅତିମାନସ ଶକ୍ତି ମନ-ପ୍ରାଣ-ଶରୀରରେ ରୂପାନ୍ତର କ୍ରିୟା କରିବାକୁ ଆରମ୍ଭ କରିବ । ରୂପାନ୍ତର କ୍ରିୟା ସଙ୍ଗେ ସଙ୍ଗେ କ୍ରମଶଃ ଅତିମାନସ ଶକ୍ତି ତଥା ଆତ୍ମାର ପ୍ରକାଶ ପଡ଼ିବ ମନ-ପ୍ରାଣ-ଶରୀରରେ ଯାହା ଫଳରେ ବ୍ୟକ୍ତି ଯେଉଁ କାର୍ଯ୍ୟ କରୁଥିବ ସେଥିରେ ଅସାଧାରଣ ଦକ୍ଷତା ପ୍ରାପ୍ତ କରିବ ଏବଂ ଉତ୍ତମରୂପେ ସମ୍ପାଦନ କରିପାରିବ । ବିଦ୍ୟାର୍ଥୀମାନେ ଉତ୍ତମରୂପେ ପଢ଼ିପାରିବେ, ଡାକ୍ତରମାନେ

ସହଜରେ ରୋଗ ଚିହ୍ନି ଉପଯୁକ୍ତ ଔଷଧର ବ୍ୟବସ୍ଥା କରିପାରିବେ, ଇଞ୍ଜିନିୟରମାନେ ସହଜରେ ଜଟିଳ କାର୍ଯ୍ୟର କୌଶଳ ବୁଝିପାରିବେ, ବୈଜ୍ଞାନିକମାନେ ଆଶ୍ଚର୍ଯ୍ୟଜନକ ବସ୍ତୁ ଆବିଷ୍କାର କରିପାରିବେ । ଯେଉଁ ସଂସ୍ଥାରେ ଏପରି ବ୍ୟକ୍ତି କାର୍ଯ୍ୟ କରିବେ ସେମାନେ ଆନ୍ତରିକତା ସହ ଉତ୍ତମରୂପେ ଆଗ୍ରହରେ କର୍ମ କରି ସମର୍ପଣ କରିପାରିବେ, ଠକିବାର ପ୍ରଶ୍ନ ଉଠିବ ନାହିଁ । କାରଣ ସେମାନଙ୍କ କର୍ମ ହେବ ଅକଳ୍ପନୀୟ ଗୌରବପୂର୍ଣ୍ଣ ଲକ୍ଷ୍ୟ ପ୍ରାପ୍ତିର ସାଧନା । ଏହି ମନୋଭାବରେ କର୍ମ ହେଲେ ସଂସ୍ଥାର ତଥା ଦେଶର ମହାନ୍ ଉନ୍ନତି ହେବ ଏବଂ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାରାଦି ଦୁର୍ନୀତି ସ୍ୱତଃସ୍ଫୂର୍ତ୍ତଭାବେ ଦୂର ହେବ ।

ପଢ଼ା ଶେଷ କରିବା ପରେ ବ୍ୟକ୍ତି ଚାକିରି ନ ପାଇ ବେକାର ହୋଇ ବୁଲିବେ ନାହିଁ । ନିଜ ମଧ୍ୟରୁ ନାନା ପ୍ରକାର କର୍ମର ପ୍ରେରଣା ପାଇବେ । ଜୀବନର ପୂର୍ଣ୍ଣତା ସକାଶେ ତଥା ଶରୀର-ରୂପାନ୍ତର ସକାଶେ, ଶାରୀରିକ ଚେତନା ଜାଗ୍ରତ୍ ହେବା ସକାଶେ ଶାରୀରିକ କର୍ମ ଅନିବାର୍ଯ୍ୟ ଜାଣି ସେ କର୍ମରେ ଛୋଟ ବଡ଼ ବିଚାର କରିବେ ନାହିଁ, ବରଂ ଶାରୀରିକ ପରିଶ୍ରମ କାର୍ଯ୍ୟକୁ ଅଧିକ ପସନ୍ଦ କରିବେ ଏବଂ ଶାରୀରିକ କର୍ମ ଦ୍ୱାରା ଯଥେଷ୍ଟ ଉପାର୍ଜନ କରିପାରିବେ ।

ଜୀବନର ପୂର୍ଣ୍ଣତା ଲକ୍ଷ୍ୟ ଗ୍ରହଣ କରି ତା'ର ପ୍ରାପ୍ତି ସକାଶେ ସାଧନାରୂପେ ସମସ୍ତ କର୍ମ କରି ସମର୍ପଣ କରିବା ଦ୍ୱାରା ଜାଗତିକ କର୍ମରେ ଉନ୍ନତି ଏବଂ ଦେଶ ସମୃଦ୍ଧିଶାଳୀ ହେବା ସଙ୍ଗେ ସଙ୍ଗେ ଆମ୍ଭେମାନେ ଆନ୍ତର ବିକାଶ କରିବା ଏବଂ ଯେଉଁ ମୁକ୍ତି ନିର୍ବାଣ ଭଗବତ୍ ପ୍ରାପ୍ତି ସକାଶେ ସନ୍ନ୍ୟାସୀମାନେ ଗୃହ, ସଂସାର, ମନ-ପ୍ରାଣ-ଶରୀର ତଥା ସମସ୍ତ କର୍ମ ତ୍ୟାଗ କରୁଥିଲେ, ସେହି ମୁକ୍ତି, ନିର୍ବାଣ, ଭଗବତ୍ ପ୍ରାପ୍ତି ଏହି ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ପାଇପାରିବା ଏବଂ ଯେଉଁ ପରମାନନ୍ଦ ସକାଶେ ଭଗବାନ୍ ସୃଷ୍ଟି ସର୍ଜନା କରିଛନ୍ତି, ଆମ୍ଭେମାନେ ସୃଷ୍ଟି ଆରମ୍ଭରୁ ଯେଉଁ ଲକ୍ଷ୍ୟ ପ୍ରାପ୍ତିକୁ ଚାହିଁ ଆସିଛୁ ତାହା ପ୍ରାପ୍ତ କରିପାରିବା । ଏହି ମୃତ୍ୟୁପୁରୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା ହେବ । ଏପରି ମହାନ୍ ସୁଯୋଗ ଆମ୍ଭମାନଙ୍କ ସମ୍ମୁଖରେ ବିଦ୍ୟମାନ ଅଛି, ଏହାକୁ ବୁଝିବାରେ ମଧ୍ୟ ଅସୁବିଧା ନାହିଁ, ତଥାପି ଆମ୍ଭମାନଙ୍କ ମନ-ପ୍ରାଣ-ଶରୀର ବିକୃତ ଅଜ୍ଞାନତତ୍ତ୍ୱରୁ ଆସିଥିବା ଯୋଗୁଁ ଏତେ ସ୍ପଷ୍ଟ, ଏତେ ପ୍ରତ୍ୟକ୍ଷ ଲକ୍ଷ୍ୟକୁ ବୁଝିବାରେ ତଥା ଗ୍ରହଣ କରିବାରେ କଠିନ ହେଉଅଛି । ନିମ୍ବ ପିତା ଚୋବାଇବା ପରେ ରସଗୋଲା ଖାଇଲେ ସୁସ୍ୱାଦୁ ରସଗୋଲା ପିତା ଲାଗିବା ସଦୃଶ ଏତେ ଉତ୍ତମ ବସ୍ତୁକୁ ଆମର କୁସଂସ୍କାର ଯୋଗୁଁ ଆମେ ବୁଝି ପାରୁ ନାହୁଁ କିଂବା ତା'ର ସଦ୍ୟ ଉତ୍ତମ ଫଳ ଅନୁଭବ କରି ପାରୁ ନାହୁଁ । କିନ୍ତୁ ପିତା ମୁଖରେ ରସଗୋଲା ଖାଇ ଚାଲିଲେ ମୁଖରେ ଥିବା ପିତା କ୍ରମଶଃ ଦୂର ହେବ ଏବଂ ରସଗୋଲାର ଯଥାର୍ଥ ସ୍ୱାଦ ଅନୁଭବ ହେବା ସଦୃଶ ଆମ୍ଭେମାନେ ଜୀବନର ପୂର୍ଣ୍ଣତା, ଏହି ଅନିବାର୍ଯ୍ୟ ଲକ୍ଷ୍ୟକୁ ଗ୍ରହଣ କରି ତା'ରି ପ୍ରାପ୍ତି ସକାଶେ ସାଧନାରୂପେ କର୍ମ କରି ଚାଲିଲେ ତା'ର ମହତ୍ତ୍ୱ ହୃଦୟଙ୍ଗମ କରିପାରିବା ଏବଂ ଉପଲବ୍ଧି କରିପାରିବା । ଏହାରି ଦ୍ୱାରାହିଁ ବେକାର ସମସ୍ୟାର ସମାଧାନ ହେବ, ଦେଶରୁ ଅସତ୍ୟ, ଅନ୍ୟାୟ, ଦୁର୍ନୀତି ଦୂର ହେବ ଏବଂ ଏହି ମୃତ୍ୟୁପୁରୀ ଦିବ୍ୟ ସ୍ୱର୍ଗରେ ପରିଣତ ହେବ ।

# ଭକ୍ତ ଚରିତ